# OSSTET- Mock Test, PYQS , Note, E-Books Get Now In App




## Tech Of World

# Download App

GET IT ON Google Play

# Click Here

YouTube- Click Here

Telegram- Click Here

Facebook- Click Here

Download App- For Mock Test, Previous Year Questions, E-books, Notes (PDF) Click Here

**B-SECTION – III**
**Arts Group**
**ODIA (OPTIONAL)**

ଅନୁଚ୍ଛେଦଟି ପଢ଼ି ପ୍ରଶ୍ନ ନଂ ୪୧ର ଉତ୍ତର ଦିଅ :

ଆଧୁନିକ ଯୁଗରେ ପ୍ରତ୍ୟେକ ଦେଶରେ ବିଚାରଶକ୍ତି ପରିଚାଳିତ ବିଜ୍ଞାନପ୍ରସୂତ ଫଳାଫଳ ସହିତ ମନୁଷ୍ୟର ବିଶ୍ୱାସ ଅନେକ ସମୟରେ ଖାପ ଖାଉ ନାହିଁ । ଏଥିଲାଗି ଯେଉଁ ବ୍ୟର୍ଥତା ଓ ମାନସିକ ଦ୍ୱନ୍ଦ୍ୱ ଦେଖାଯାଉଛି ତାହା ବହୁ କ୍ଷତି କରୁଛି । ଆମ ଦେଶରେ ବିଜ୍ଞାନର ପ୍ରଭାବ ଯେଉଁମାନଙ୍କ ଉପରେ ପଡ଼ିଛି, ସେମାନେ ପ୍ରକୃତରେ ବିଜ୍ଞାନ ଓ ମନୁଷ୍ୟର ବିଚାରଶକ୍ତିର ପ୍ରଶଂସା କରୁଥିଲା ବେଳେ ଘରକୁ ଫେରିଲା ପରେ ହଜାର ହଜାର ବର୍ଷଧରି ଗଢ଼ି ଆସୁଥିବା ନାନାପ୍ରକାର ସଂକୀର୍ଣ୍ଣ କୁସଂସ୍କାରରେ ଦୃଢ଼ ବିଶ୍ୱାସ ରଖି କାମ କରନ୍ତି । ତେଣୁ ପୋଥି ବାଇଗଣ ଓ ବାଡ଼ି ବାଇଗଣ ଭିତରେ ଯେଉଁ ପ୍ରଭେଦ, ତାହା ପ୍ରତିକ୍ଷେତ୍ରରେ ଆମ୍ଭେମାନେ ଦେଖିବାକୁ ପାଉ ।

41. ଆମ୍ଭେମାନେ ପୋଥି ବାଇଗଣ ଓ ବାଡ଼ି ବାଇଗଣ ମଧ୍ୟରେ ଥିବା ପ୍ରଭେଦ ପ୍ରତିକ୍ଷେତ୍ରରେ ଦେଖିବାର କାରଣ କ'ଣ ?

(A) ଅଜ୍ଞତା
(B) ବିଜ୍ଞାନର ପ୍ରଭାବ
(C) ମାନସିକ ଦ୍ୱନ୍ଦ୍ୱ
(D) ଧର୍ମବିଶ୍ୱାସ

42. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୁଦ୍ଧ ଶବ୍ଦ ?

(A) ଦୁର୍ବିସହ
(B) ଦୁର୍ଦ୍ଧଷ
(C) ତଦୁର୍ଦ୍ଧ
(D) ତ୍ୟାଜ୍ୟପୁତ୍ର

43. 'ପବନ' ଶବ୍ଦର ସନ୍ଧିବିଚ୍ଛେଦ କଲେ କ'ଣ ହେବ ?

(A) ପବ୍ + ଅନ
(B) ପବ + ନ
(C) ପୋ + ଅନ
(D) ପ + ଅନ

44. <u>ବିପଦେ</u> ନ ଦିଅନ୍ତି ଦେଖା । ରେଖାଙ୍କିତ ଅଂଶଟି କେଉଁ କାରକ ?

(A) ଅଧିକରଣ
(B) କରଣ
(C) କର୍ମ
(D) କର୍ତ୍ତା



Techofworld.in

45. ସେ <u>ବୟସରେ</u> ମୋ'ଠାରୁ ବଡ଼ । ରେଖାଙ୍କିତ ପଦଟିରେ କେଉଁ ବିଭକ୍ତି ଯୁକ୍ତ ହୋଇଛି ?

(A) ଦ୍ଵିତୀୟା  (B) ତୃତୀୟା

(C) ପଞ୍ଚମୀ  (D) ସପ୍ତମୀ

46. 'କ୍ଷୋଭ' ଶବ୍ଦର ପ୍ରକୃତି ପ୍ରତ୍ୟୟ କ'ଣ ?

(A) କ୍ଷୁଭ୍ + ଅ  (B) କ୍ଷୋଭ୍ + ଅ

(C) କ୍ଷୋ + ଭ  (D) କ୍ଷ + ଓଭ

47. 'ଆର୍ଜବ' ଶବ୍ଦରେ କେଉଁ ପ୍ରତ୍ୟୟ ପ୍ରଯୁକ୍ତ ?

(A) ଅବ  (B) ଜବ

(C) ବ  (D) ଅ

48. "ଆମ ଦେଶବାସୀଙ୍କ ଦୀର୍ଘଦିନର ଅପେକ୍ଷା ଶେଷ ହେଲା, ଦେଶ ଇଂରେଜ ଶାସନରୁ ମୁକ୍ତ ହେଲା କିନ୍ତୁ ଦାରିଦ୍ର୍ୟ ଦୂର ହେଲା ନାହିଁ" – ଏହା କେଉଁ ପ୍ରକାର ବାକ୍ୟ ?

(A) ସରଳ  (B) ଯୌଗିକ

(C) ଜଟିଳ  (D) ମିଶ୍ର

49. 'ଅକ୍ଷିର ପଶ୍ଚାତ୍' ସମସ୍ତ ପଦଟି କ'ଣ ହେବ ?

(A) ପ୍ରତିପକ୍ଷ  (B) ବିପକ୍ଷ

(C) ପ୍ରତ୍ୟକ୍ଷ  (D) ଅନ୍ୱକ୍ଷ

50. 'ଅଇଘରାକୁ ବାଇଗଣ ଫିଙ୍ଗିବା' – ରୂଢ଼ିଟିର ଅର୍ଥ କ'ଣ ?

(A) ବାରମ୍ବାର କହିବା

(B) ଅନୁମାନ କରି କହିବା

(C) ଆଳ ବାହାର କରିବା

(D) ଅନିର୍ଦ୍ଦିଷ୍ଟ ଫଳ ଆଶାରେ କୌଣସି କାମ କରିବା



Techofworld.In

51. "ଚିରଦିନ ଦୁଃଖ – ପ୍ରହାରେ ଜର୍ଜର,

ପଞ୍ଚଶିଷ୍ୟ ମୁହିଁ ଦୁଃଖ – ଗୁରୁଙ୍କର" – ଏହା କେଉଁ ଛନ୍ଦରେ ରଚିତ ?

(A) ବଙ୍ଗଳାଶ୍ରୀ

(B) ଚୋଖି

(C) ନଟବାଣୀ

(D) ଗୁଜ୍ଜରୀ

52. ମହତ ଜନର ଦୟା ସବୁଠାରେ

ସମେ ହୁଏ ବିତରିତ,

କର୍ତ୍ତକ ମସ୍ତକୁ ନ କରଇ ତରୁ

ସ୍ୱଚ୍ଛାୟା ଅପସାରିତ ।

ପଦଟିରେ କେଉଁ ଅଳଂକାର ପ୍ରଯୁକ୍ତ ?

(A) ଉପମା

(B) ରୂପକ

(C) ଉତ୍ପ୍ରେକ୍ଷା

(D) ଅର୍ଥାନ୍ତରନ୍ୟାସ

53. 'ଜିହୀର୍ଷା' ଏହାକୁ ବହୁପଦରେ ପ୍ରକାଶ କଲେ କ'ଣ ହେବ ?

(A) ବଞ୍ଚି ରହିବାର ଇଚ୍ଛା

(B) ହରଣ କରିବାର ଇଚ୍ଛା

(C) କହିବାର ଇଚ୍ଛା

(D) ବଧ କରିବାର ଇଚ୍ଛା

54. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭୀମଭୋଇଙ୍କ ରଚନା ?

(A) ଚଣ୍ଡୀପୁରାଣ

(B) ଦୀକ୍ଷା ସମ୍ବାଦ

(C) ଶ୍ରୁତିନିଷେଧ ଗୀତା

(D) ଚିତ୍ରକାବ୍ୟ ବନ୍ଧୋଦୟ

55. କହିବା ସହଜ, <u>ଅଥଚ</u> କରିବା କଷ୍ଟ । – ରେଖାଙ୍କିତ ଅଂଶଟି କେଉଁ ପଦ ?

(A) ସଂଯୋଜକ ଅବ୍ୟୟ

(B) ବିୟୋଜକ ଅବ୍ୟୟ

(C) ବୀପ୍ସାର୍ଥକ ଅବ୍ୟୟ

(D) ନିଷେଧାର୍ଥକ ଅବ୍ୟୟ



Techofworld.In